# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30 November – 2025

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ୩୫୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହେବାସହ ନୂତନ ମାଇଲଖୁଣ୍ଟ ସ୍ଥାପନ ହୋଇଛି : କହିଲେ ପ୍ରଧାନମନ୍ତ୍ରୀ ।

  – ଆକାଶବାଣୀର 'ମନ୍ କି ବାତ୍'ରେ ଦେଶବାସୀଙ୍କ ସହ କଲେ ଭାବବିନିମୟ ।

- ଗ୍ରାମାଞ୍ଚଳର ଯୁବପିଢ଼ୀଙ୍କୁ ଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି : ଓଡ଼ିଶା ଶିଳ୍ପ ସମ୍ମିଳନୀରେ କହିଲେ ମୁଖ୍ୟମନ୍ତ୍ରୀ ।

- ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ଶୀତକାଳୀନ ଅଧିବେଶନ ।

ଏବଂ

- କଟକ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ୍ ପାଇଁ ଆସନ୍ତାକାଲିଠାରୁ ଅନ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ।

## ମନ୍ କି ବାତ୍

କୃଷିକ୍ଷେତ୍ରରେ ଦେଶ ଉଲ୍ଲେଖନୀୟ ପ୍ରଗତି ହାସଲ କରୁଛି। ୩୫୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ସହ ଦେଶ ଏ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ନୂତନ ଚିନ୍ତାଧାରା ନବସୃଜନ ଏବଂ ଯୁବଶକ୍ତିର ସାମର୍ଥ୍ୟ ସଫଳତାର ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହେଉଛି। ହାଇଦ୍ରାବାଦରେ ବିଶ୍ୱର ସର୍ବବୃହତ୍ ଲିପ୍ ଇଞ୍ଜିନ୍ ଏମ୍ଆର୍ଓ ସୁବିଧାର ଉଦ୍‌ଘାଟନ, ଭାରତୀୟ ନୌସେନାରେ ଆଇଏନ୍ଏସ୍ ମାହେ ସାମିଲ ହେବା ତଥା ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସର ଉଦ୍‌ଘାଟନ ଦେଶର ବିକାଶର ପ୍ରତୀକ।

## - V/O -

କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଭାରତ ମନୋନୀତ ହେବା ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏହି ସଫଳତା ଦେଶ ଏବଂ ଦେଶବାସୀଙ୍କର। ପ୍ରଧାନମନ୍ତ୍ରୀ କହିଛନ୍ତି ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭଗବାନ୍ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ, ଅଯୋଧ୍ୟାରେ

ଶ୍ରୀରାମଲାଲା ମନ୍ଦିରରେ ଧ୍ୱଜାରୋହଣ ତଥା କୁରୁକ୍ଷେତ୍ରର ଜ୍ୟୋତିସରରେ ପାଞ୍ଚଜନ୍ୟ ସ୍ମାରକୀ ଉଦ୍‌ଘାଟନ ଭଳି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ପ୍ରଧାନମନ୍ତ୍ରୀ କୁରୁକ୍ଷେତ୍ରର ବ୍ରହ୍ମସରୋବରରେ ଆୟୋଜିତ ଅନ୍ତର୍ଜାତୀୟ ଗୀତା ମହୋତ୍ସବ ବିଷୟରେ ମଧ୍ୟ ଆଲୋକପାତ କରିଛନ୍ତି । ଇସ୍ରୋ ପକ୍ଷରୁ ଆୟୋଜିତ ଡ୍ରୋନ୍ ପ୍ରତିଯୋଗିତା ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି ଯୁବପିଢ଼ୀଙ୍କ ପାଇଁ ସମର୍ପିତ ଏହି ପଦକ୍ଷେପ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । 'ମନ୍ କି ବାତ୍'ରେ ଦେଶ ମହୁ ଉତ୍ପାଦନରେ ନୂତନ ରେକର୍ଡ ସ୍ଥାପନ କରିଥିବା ଶ୍ରୀ ମୋଦୀ କହିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ମହୁ ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି । ତେବେ କିଛି ବର୍ଷ ମଧ୍ୟରେ ମହୁ ରପ୍ତାନୀ ତିନିଗୁଣରୁ ଅଧିକ ବୃଦ୍ଧି ପାଇବା ସହ 'ମଧୁ ମିଶନ' କାର୍ଯ୍ୟକ୍ରମରେ ମହୁଚାଷୀଙ୍କ ଆର୍ଥିକ ଉନ୍ନତି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# - V/O –

Desk

## ଶିଳ୍ପ ସମ୍ମିଳନୀ

ଗ୍ରାମାଞ୍ଚଳର ଯୁବକଯୁବତୀଙ୍କୁ ଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଓଡ଼ିଶା

ଶିଳ୍ପ ସମ୍ମିଳନୀ ୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ କ୍ଷୁଦ୍ରଶିଳ୍ପକୁ ନୂତନ ଦିଗ ମିଳିଛି। ଆଗାମୀ ଦିନରେ ଓଡ଼ିଶାରେ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଶିଳ୍ପ ସମ୍ମିଳନୀର ଆୟୋଜନ କରାଯାଇଛି।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପରେ ୨ ଲକ୍ଷ ୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୮୫ଟି ଶିଳ୍ପ ଉଦ୍ୟୋଗର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସମ୍ଭାବନାକୁ ଉପଯୋଗ କରି ରାଜ୍ୟକୁ ଶିଳ୍ପସମୃଦ୍ଧ କରିବା ପାଇଁ ଆଜିର ସମ୍ମିଳନୀରେ ଆଲୋଚନା କରାଯାଇଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

Desk

## ପ୍ରାମାଣିକ ଆଳୁ ବିହନ ବିତରଣ

କଟକ ଜିଲ୍ଲା ଧୁଷୁରିଆ ପଞ୍ଚାୟତ ଜଗମୋହନପୁର ଗ୍ରାମରେ ଚଳିତ ରବିଋତୁ ପାଇଁ ସରକାରଙ୍କ ପକ୍ଷରୁ ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ ଯୋଜନା ଅଧିନରେ ପ୍ରାମାଣିକ ଆଳୁ ବିହନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଅନ୍ୟ ରାଜ୍ୟ ଉପରେ ଆଳୁ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ଯୋଗାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଆଳୁଚାଷର ବ୍ୟାପକ ପ୍ରସାର ଏବଂ କୃଷକମାନଙ୍କ ଆର୍ଥିକ ଉନ୍ନତି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

Desk

## ସଂସଦର ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏଥିନିମନ୍ତେ ଆଜି ନୂଆଦିଲ୍ଲୀର ସଂସଦ ଭବନରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁଜୁ କହିଛନ୍ତି ସର୍ବଦଳୀୟ ବୈଠକ ସକାରାତ୍ମକ ବାତାବରଣରେ ଶେଷ ହୋଇଛି। ସଂସଦର ଶୀତକାଳୀନ ଅଧିବେଶନରେ  ଉଭୟ ଗୃହରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ ପାଇଁ ସହଯୋଗ କରିବାକୁ ସରକାର ସମସ୍ତ ରାଜନୀତିକ ଦଳର ନେତାମାନଙ୍କୁ ନିବେଦନ କରିଛନ୍ତି। ଏହି ଅଧିବେଶନରେ ବିଧାନସଭା ଏବଂ ଅନ୍ୟାନ୍ୟ ୧୪ଟି ଅସ୍ଥାୟୀ ପ୍ରସଙ୍ଗ ଉପରେ ବିଚାର ଆଲୋଚନା କରାଯିବ। ଗୃହର ନିୟମ ଅନୁଯାୟୀ ଅନ୍ୟ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ରିଜୁଜୁ କହିଛନ୍ତି।

ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶୀତକାଳୀନ ଅଧିବେଶନରେ ୧୯ଟି କାର୍ଯ୍ୟଦିବସ ରହିଛି।

Puri

## ଉପମୁଖ୍ୟମନ୍ତ୍ରୀ – ନିମାପଡ଼ା

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅଧିନ ଗଡ଼ପଦନପୁର ପଞ୍ଚାୟତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର

ସ୍ଥାପନ କରିଛନ୍ତି। ଏହି ଅବସରରେ ଗଡ଼ପଦନପୁର ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ।

Berhampur

## ଓଡ଼ିଶା ଗବେଷଣା ସମ୍ମିଳନୀ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ସଂକଳ୍ପକୁ ଏହିଭଳି ଗବେଷଣା ସମ୍ମିଳନୀ ମାର୍ଗଦର୍ଶନ ଦେଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ଯୋଗଦେଇ ବିକଶିତ ଭାରତର ସ୍ୱପ୍ନ ସାକାର ଦିଗରେ ଗବେଷଣା ଓ ନୂତନ ଜ୍ଞାନକୌଶଳର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିପାଇଁ ନୀତିଗତ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ।

Malkangiri

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା

ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୋଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୩ ତାରିଖରୁ ୬

ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସେବା ଶିବିର ସମ୍ପର୍କରେ ଆଲୋଚନା କରାଯାଇଥିଲା ।

Gajapati

## ଯୁବ ଉତ୍ସବ ଉଦ୍‌ଯାପନ

ଗଜପତି ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ ୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ଯୁବ ଉତ୍ସବରେ ସାମିଲ ହୋଇଥିବା ୧୫ରୁ ୨୯ ବର୍ଷ ବୟସ୍କ ଯୁବପିଢ଼ୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତ ଗଠନରେ ଯୁବଶକ୍ତିର ଭୂମିକା ଏବଂ ଡିଜିଟାଲ୍ ସକ୍ଷମତା ସମ୍ପର୍କରେ ସଚେତନ କରାଯାଇଥିଲା ।

Boudh

## ମାଣ୍ଡିଆ ସଚେତନତା ରଥ

ବୌଦ୍ଧ କୃଷିବିଭାଗ ପକ୍ଷରୁ 'ମାଣ୍ଡିଆ ସଚେତନତା ରଥ'ର ଶୁଭାରମ୍ଭ ହୋଇଛି । ମାଣ୍ଡିଆ ଚାଷ ଓ ମାଣ୍ଡିଆ ଖାଦ୍ୟର ଉପକାରିତା ଉପରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ଏହି ମାଣ୍ଡିଆ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିବ ବୋଲି ଜଣାପଡ଼ିଛି ।

Ganjam

## ପାରସ୍ପରିକ ବ୍ୟାବହାରିକ ତାଲିମ

ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବ୍ରହ୍ମପୁରରେ ପ୍ରଥମ ଏକଦିବସୀୟ ପାରସ୍ପରିକ ବ୍ୟାବହାରିକ ତାଲିମ କାର୍ଯ୍ୟକ୍ରମ ଆଞ୍ଚଳିକ ନ୍ୟାୟିକ ଏକାଡେମୀରେ ଆୟୋଜିତ ହୋଇଯାଇଛି । ଏଥିରେ ନୟାଗଡ଼, ଫୁଲବାଣୀ, ମାଲକାନଗିରି, ଗଜପତି, ନବରଙ୍ଗପୁର, ରାୟଗଡ଼ା,

କୋରାପୁଟ ଓ କଳାହାଣ୍ଡିର ଜିଲ୍ଲାଜଜ୍ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବମାନେ ଅଂଶଗ୍ରହଣ କରିଥିଲେ।

Malkangiri

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ 'ମାଲ୍ୟବନ୍ତ ମହୋତ୍ସବ' ଆଜିଠାରୁ ଆରମ୍ଭ ହୋଇଛି। ପାରମ୍ପରିକ ନୃତ୍ୟବାଦ୍ୟ ଓ ପୂଜାର୍ଚ୍ଚନା କରାଯାଇ ୭ଟି ବ୍ଲକର ପବିତ୍ର ନଦୀରୁ ଜଳ ସଂଗ୍ରହ ପରେ ସ୍ଥାନୀୟ ଭୈରବ ମନ୍ଦିରରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ୮ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଏହି କଳସକୁ ଆସନ୍ତା ମାସ ୧୪ ତାରିଖ ଦିନ ଏକ ଶୋଭାଯାତ୍ରାରେ ନିଆଯାଇ ମାଲ୍ୟବନ୍ତ ମୁଖ୍ୟ ମଣ୍ଡପରେ ସ୍ଥାପନ କରାଯିବ।

Puri

## ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆସନ୍ତାକାଲିଠାରୁ ପାଞ୍ଚଦିନ ବ୍ୟାପୀ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆରମ୍ଭ ହେବ। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

Cuttack

## ଟି-ଟ୍ୱେଣ୍ଟି ଟିକେଟ୍ ବିକ୍ରି

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ

ଆସନ୍ତାକାଲିଠାରୁ ଅନଲାଇନ୍‌ରେ ଟିକେଟ୍ ବିକ୍ରି ହେବ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ – 'ଓସିଏ' ପକ୍ଷରୁ ସୂଚନା ମିଳିଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ୫ ତାରିଖରୁ ଅଫଲାଇନ୍‌ରେ ଟିକେଟ୍ ବିକ୍ରି ହେବ। ଅନଲାଇନ୍‌ରେ ୨ ହଜାର ଟିକେଟ ବିକ୍ରି ହେବ। ଚଳିତ ବର୍ଷ ନିରବଚ୍ଛିନ୍ନ ଫ୍ଲଡ୍‌ଲାଇଟ୍ ଯୋଗାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ବେହେରା କହିଛନ୍ତି।

Deogarh

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ସପ୍ତମ ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଏଫ୍.ସି. ୨-୧ ଗୋଲରେ ସମ୍ବଲପୁର ଏକାଡେମୀକୁ ପରାସ୍ତ କରି ଚାମ୍ପିଆନ ହୋଇଛି। ସାତଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ।

Dhenkanal

## ଢେଙ୍କାନାଳ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ ଜିଲ୍ଲା ଷ୍ଟାଡିୟମଠାରେ ଚଳିତ ମାସ ୧୮ ତାରିଖରୁ ଚାଲିଥିବା ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଶେଷ ହୋଇଛି। ଡାଇମଣ୍ଡ ହାର୍ବର ଟିମ୍' ଚେନ୍ନାଇ ଇନକମ୍ ଟ୍ୟାକ୍ସକୁ ୭-୦ ପରାସ୍ତ କରି ଚାମ୍ପିଆନ ହୋଇଛି।

Desk

## ପାଣିପାଗ

ରାଜ୍ୟରେ ଶୀତ ସାମାନ୍ୟ ହ୍ରାସ ପାଇଛି। ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ଚାରିଦିନ ପର୍ଯ୍ୟନ୍ତ ବର୍ତ୍ତମାନର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ଚାରିଦିନ ପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍ସିୟସ କମିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।